# ଓଡିଶା ସରକାର
# ରାଜସ୍ୱଓବିପର୍ଯ୍ୟୟପରିଚାଳନାବିଭାଗ

RDM-LAC-ANG-0004-2021- 37641 /RDM dated 14 DEC 2021

## ସାମାଜିକପ୍ରଭାବନିର୍ଦ୍ଧାରଣନିମନ୍ତେଅଧିସୂଚନା

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ / ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ-ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି। ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ – ୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:- **IDCO** (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ), ଭୁବନେଶ୍ୱର ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ବେଦାନ୍ତ ଲିମିଟେଡ୍ ଦ୍ୱାରା ରାଧିକାପୁର ପଶ୍ଚିମ କୋଇଲା ଖଣି ପ୍ରକଳ୍ପ ନିମନ୍ତେ।

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୂଚନା ;- GREEN INDIA, Jagatsinghpur.

SIA ସର୍ବେକ୍ଷଣ ଅନୁଷ୍ଠାନ: Nabakrushna Choudhury Centre for Development Studies, Bhubaneswar, Phone No. 0674-2300471/ 2301094

୪.ପ୍ରକଳ୍ପ ପାଇଁ ଅନୁଗୋଳ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକନଂ | ତହସିଲ | ଗ୍ରାମପଞ୍ଚାୟତ | ଗ୍ରାମ | ବେସରକାରୀ ଜମି (ଏକର ରେ) | ମନ୍ତବ୍ୟ |
|---|---|---|---|---|---|
| ୧ | ଛେଣ୍ଡିପଦା | ବାଲିପଟା | ବାଲିପଟା | ୯.୬୩୬୮ | |
| ୨ | ଛେଣ୍ଡିପଦା | ବରପଦା | ବରପଦା | ୫୮୪.୨୬୭୩ | |
| ୩ | ଛେଣ୍ଡିପଦା | କରଡା | ଝିଣ୍ଟିପାଳ | ୨୪.୫୩୩୨ | |
| ୪ | ଛେଣ୍ଡିପଦା | କୋଶଳା | କୋଶଳା | ୨.୭୫୧୭ | |
| ୫ | ଛେଣ୍ଡିପଦା | କୁଶକିଳା | କୁଶକିଳା ଜଙ୍ଗଲବଡ଼ | ୨୨୨.୨୪୯୦ | |
| ୬ | ଛେଣ୍ଡିପଦା | କୁଶକିଳା | କୁଶକିଳା | ୫୬୮.୯୬୮୮ | |
| ୭ | ଛେଣ୍ଡିପଦା | ବାଲିପଟା | ନାଉପଦା | ୩୩୨.୩୬୮୦ | |
| ୮ | ଛେଣ୍ଡିପଦା | କରଡା | ପୁଟ ଗାଡିଆ | ୫୭.୮୨୦୦ | |
| | | | ମୋଟ୍- | ୧୮୦୧.୬୦୪୮ | |

ଭୂମି ଅନୁସୂଚିର ନକଲ ଏଥି ସହିତ ସଲଗ୍ନ କରା ଯାଇ ଛି।

୫. ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :- ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ତହସିଲର ଉପରୋକ୍ତର ୦୮ ଟି ରାଜସ୍ୱ ଗ୍ରାମରେ IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ), ଭୁବନେଶ୍ୱର ଙ୍କ ଦ୍ୱାରା ବେଦାନ୍ତ ଲିମିଟେଡ୍ ଦ୍ୱାରା ରାଧିକାପୁର ପଶ୍ଚିମ କୋଇଲା ଖଣି ପ୍ରକଳ୍ପ ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବ ।

୬. SIA ସର୍ବେକ୍ଷଣ ରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-

ଅନୁଗୋଳ ଜିଲ୍ଲାରେ ଉପରୋକ୍ତ ୦୮ ଟି ଗ୍ରାମର ୧୮୦୧.୬୦୪୮ ଏକର ଘରୋଇ ଜମି ବେଦାନ୍ତ ଲିମିଟେଡ୍ ଦ୍ୱାରା ରାଧିକାପୁର ପଶ୍ଚିମ କୋଇଲା ଖଣି ପ୍ରକଳ୍ପ ନିମନ୍ତେ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ ତଫସିଲ SIA ସର୍ବେକ୍ଷଣ ଅନ୍ତେମିଳି ପାରିବ।

୭. SIA ସର୍ବେକ୍ଷଣ ର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟା ବଳୀ :-

ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ

ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମପଞ୍ଚାୟତ / ଗ୍ରାମ / ୱାର୍ଡର ପରାମର୍ଶକ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ରପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ରେ ସ୍ଥାନିତହେବ।

ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମ ସଭାମାନଙ୍କ ରେ ଜନ ଶୁଣାଣି କରାଯିବ।

୮. ଗ୍ରାମସଭା / ଭୂମିମାଲିକଙ୍କସହମତିଆବଶ୍ୟକକି?

ସହମତିଆବଶ୍ୟକ।

୯. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ

ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସ ଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ।

SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ/ ଗ୍ରାମ/ ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ। ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣ ଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୂଚିତହେବ।

ରାଜ୍ୟପାଳ ଙ୍କ ଆଦେଶାନୁସାରେ

(signature) ୨୬/୦୨/୧୯

(ଅଭୟ କୁମାର ନାୟକ)
ଅତିରିକ୍ତ ଶାସନସଚିବ

Memo No. 37642 Dated 14 DEC 2021

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

14/12/2021

Joint Secretary to Govt.

Memo No. 37643 Dated 14 DEC 2021

Copy forwarded to Steel & Mines Department for information and necessary action.

14/12/2021

Joint Secretary to Govt.

Memo No. 37644 Date 14 DEC 2021

Copy forwarded to RDC(N.D), Sambalpur/ Collector, Angul/ L.A.O, Angul/ IDCO, Bhubaneswar for information and necessary action..

14/12/2021

Joint Secretary to Govt.

Memo No. 37645 Dated 14 DEC 2021

Copy forwarded to State Coordinator, Nabakrushna Choudhury Centre for Development Studies, Bhubaneswar for information and necessary action.

14/12/2021

Joint Secretary to Govt.

Memo No. 37646 Dated 14 DEC 2021

Copy forwarded to the e-Governance Cell, R&DM Department for information and necessary action.

14/12/2021

Joint Secretary to Govt.